ପ୍ରଶ୍ନ : ଆଧୁନିକ ମାନବର ପୂର୍ବ ପ୍ରକାର ଭେଦ ସମ୍ପର୍କରେ ବର୍ଣ୍ଣନା କର ।

ଉତ୍ତର :

(କ) ଆଧୁନିକ ମାନବର ପୂର୍ବ ପ୍ରକାର ଭେଦ

ଆନୁମାନିକ ୫.୬ ନିୟୁତ ବର୍ଷ ପୂର୍ବେ ମାନବ ଆକୃତିର ଜୀବ ପୃଥିବୀରେ ଆବିର୍ଭୁତ ହୋଇଥିଲେ । ଏହାପରେ ବିବର୍ତ୍ତନ ଘଟି ମଣିଷ ବିଭିନ୍ନ ରୂପ ନେଇ ଥିଲା। ୧୬୦,୦୦୦ ବର୍ଷ ପୂର୍ବେ ବର୍ତ୍ତମାନର ମଣିଷ ପରି ମଣିଷମାନଙ୍କର ଆବିର୍ଭାବ ଘଟିଥିଲା । ବିବର୍ତ୍ତନବାଦର ପ୍ରବକ୍ତା (ଚାର୍ଲସ୍ ରବର୍ଟ ଡାର୍ଉଇନ୍) (Charles Robert Darwin)ଙ୍କ ବହୁ ଚର୍ଚ୍ଚିତ ପୁସ୍ତକ(ଜାତିର ଉତ୍ପତ୍ତି) (Origion of the Species) ୨୪ ନଭେମ୍ବର ୧୮୫୯ ମସିହାରେ ପ୍ରକାଶିତ ହୋଇଥିଲା । ଏକ ଜୈବିକ ପ୍ରକ୍ରିୟାରେ ଜେଲି, ଜେଲି ମାଛ, ଚିଙ୍ଗୁଡି ଆଦି ଖୋଳପାୟୁକ୍ତ ମାଛ ତଥା ଅନ୍ୟାନ୍ୟ ଜୀବ ଜଳରେ ଦେଖାଗଲେ। ସ୍ଥଳ ଭାଗରେ ମଧ୍ୟ ବିଭିନ୍ନ ପଶୁ ଏବଂ ପକ୍ଷୀଙ୍କର ଆର୍ବିଭାବ ଘଟିଲା। ପଶୁମାନଙ୍କ ମଧ୍ୟରୁ ଡାଇନୋସର, ଏଣ୍ଡୁଅ ଏବଂ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀମାନେ ଅନ୍ୟତମ । ସ୍ତନ୍ୟପାୟୀ ପଶୁର ବିବର୍ତନ ଫଳରେ ମଣିଷର ସୃଷ୍ଟି ବୋଲି ଡାର୍ଉଇନ୍ ଦର୍ଶାଇଥିଲେ । ଏହି ସ୍ତନ୍ୟପାୟୀ ସିମ୍ପାଜୀ, ଓରାଂଓଟାଂ ଏବଂ ଗରୀଲା ଆଦି ବାନରଙ୍କ ଠାରୁ ମଣିଷର ସୃଷ୍ଟି ବୋଲି ସେ ଦର୍ଶାଇଥିଲେ। ସେହି ବାନର ଜାତି ମଧ୍ୟରେ ଅଗ୍ର ଗଣ୍ୟ ଏହି ପ୍ରକାର ପ୍ରଜାତିମାନଙ୍କ ଠାରେ ଲୋମ, କେଶ, ଦନ୍ତ, ଅଧିକ ଗର୍ଭ ଧାରଣ କାଳ, ଶରୀରରେ ଏକ ସ୍ଥିର ଉଷ୍ଣତା ଆଦି ଲକ୍ଷଣ ରହିଥିଲା ଯାହା ବର୍ତ୍ତମାନର ମଣିଷଠାରେ ମଧ୍ୟ ଦେଖିବାକୁ ମିଳିଥାଏ।

ବାନର :

ଆଦି ମାନବ ଏକ ବାନର ଶ୍ରେଣୀର । ଏହା ବର୍ତ୍ତମାନର ମଣିଷଠାରୁ ଭିନ୍ନ ଥିଲା । ଏହାର ଖପୁରି ଆଖି ଠାରୁ ତଳପଟକୁ ଢଳି ରହିଥିଲା। ଏହାର କପାଳ ଅପେକ୍ଷାକୃତ କ୍ଷୁଦ୍ର ଥିଲା। ସେ ଚାଲିଲା ବେଳେ ସମ୍ଭବତଃ ଟିକିଏ ଆଗକୁ ଢଳି ଚାଲୁଥିଲା। ତାହାର ଶରୀର ଘଞ୍ଚ ଲୋମଦ୍□ାରା ଆବୃତ ଥିଲା। ତାହାର ଭାଷା ଖଣ୍ଡିତ ହେଉଥିଲା । ସେ ଖାଦ୍ୟ ଅନ୍□ଷଣରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲା। ସେ ଫଳ, ମୂଳ ତଥା ଜୀବଜନ୍ତୁମାନଙ୍କର ମାଂସ ଖାଦ୍ୟ ରୂପେ ଗ୍ରହଣ କରୁଥିଲା। ସେ ଗୁମ୍ଫା ବା ଖୋଲା ସ୍ଥାନରେ ରହୁଥିଲା । ସେ କୌଣସି ପୋଷାକ ପରିଧାନ କରୁ ନ ଥିଲା ।ଏହା ଥିଲା ମାନବ ବିବର୍ତ୍ତନର ପ୍ରଥମ ପାଦ ।

ଅଷ୍ଟ୍ରାଲୋପିଥେକସ୍ :

ବିବର୍ତ୍ତନରେ ଅଷ୍ଟାଲୋପିଥେକସ୍ ପ୍ରଥମ ମାନବ ରୂପେ ଧରାଯାଇଥାଏ। ଲାଟିନ୍ ଶବ୍ଦ 'ଅଷ୍ଟାଲ' (ଦକ୍ଷିଣ) ଓ ଗ୍ରୀକ୍ ଶବ୍ଦ 'ପିଥାକୋସ୍' (ମାଙ୍କଡ଼ ବା ବାନର) ଶବ୍ଦର ମିଶ୍ରଣରେ 'ଅଷ୍ଟାଲୋପିଥେକସ୍' ଶବ୍ଦର ଉତ୍ପତ୍ତି ହୋଇଅଛି । ୧୭ ଜୁଲାଇ ୧୯୫୯ରେ ପ୍ରଥମେ ଆଫ୍ରିକା ମହାଦେଶର ତାଞ୍ଜାନିଆରେ ଥିବା ଓଲ୍ଡୁଭୀ ଗିରିଶଙ୍କଟ (Olduvi Gorge) ଠାରେ ଏହି ମାନବର କଙ୍କାଳ ମିଳିଥିଲା । ଲୁଇସ୍ ଏବଂ ମେରୀ ଲିକେ ସେଠାରେ ଦୀର୍ଘ ଚାଳିଶ ବର୍ଷ ଧରି ପ୍ରନ୍ତାତ୍ତ୍□ିକ ଖନନରେ ଲିପ୍ତ ଥିଲେ ଏବଂ ମେରୀ ପ୍ରଥମେ ଏହି ଅଷ୍ଟ୍ରାଲୋପିଥେକସ୍ ମାନବର କଙ୍କାଳ ଆବିଷ୍କାର କରିଥିଲେ । ବିବର୍ତ୍ତନବାଦକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଅଷ୍ଟାଲୋପିଥେକସ୍ ମାନବର ସ୍ଥାନ ବାନର ଏବଂ ବର୍ତ୍ତମାନର ମଣିଷ ମଧ୍ୟରେ ଥିଲା। ସେମାନଙ୍କର ଉଚ୍ଚତା ଚାରି ଫୁଟ ମଧ୍ୟରେ ସୀମିତ ଥିଲା। ସେମାନଙ୍କର ଖପୁରି ମୋଟା ଥିଲା। ମାଢି ଏବଂ ଦାନ୍ତ ବଡ ଥିଲା। ସେମାନଙ୍କର ମସ୍ତିଷ୍କ କିନ୍ତୁ କ୍ଷୁଦ୍ର ଥିଲା। ସେମାନେ ପାଦରେ ଚାଲୁଥିଲେ ଏବଂ ହାତ ମଧ୍ୟ ବ୍ୟବହାର କରୁଥିଲେ। ସେମାନେ ମସୃଣ ହୋଇ ନ ଥିବା ପଥର ତିଆରି ଦ୍ରବ୍ୟ ତଥା ଅସ୍ତ୍ରଶସ୍ତ୍ରର ବ୍ୟବହାର ମଧ୍ୟ ଜାଣିଥିଲେ। ୫ଲକ୍ଷ ବର୍ଷ ପୂର୍ବେ ଏହି ଅଷ୍ଟ୍ରାଲୋପିଥେକସ୍ ମାନବମାନେ ଦେଖା ଦେଇଥିଲେ।

ଏସିଆ ମହାଦେଶର ଜାଭା (ଇଣ୍ଡୋନେସିଆ) ଠାରେ ଏହି ଅଷ୍ଟାଲୋପିଥେକସ୍ର ଜୀବାଶ୍ମ ମଧ୍ୟ ମିଳିଅଛି। ତେଣୁ ତାହା ଜାଭା ମାନବ ରୂପେ ପରିଚିତ। ସେମାନେ ତାଞ୍ଜାନିଆଠାରେ ମିଳିଥିବା ଅଷ୍ଟାଲୋପିଥେକସ୍ଠାରୁ ଟିକିଏ ଉନ୍ନତ ଥିଲେ। ସେମାନଙ୍କର ଉଚ୍ଚତା ଥିଲା ସାଢେ ପାଞ୍ଚ ଫୁଟ୍ ।ସେମାନେ ଠିଆ ଅବସ୍ଥାରେ ଚାଲୁଥିଲେ । ସେମାନେ ସିମ୍ପାଜି ପରି

ଦେଖାଯାଉଥିଲେ। ସେମାନଙ୍କର କଥା କହିବାର ଶକ୍ତି ନଥିଲା। ସେମାନଙ୍କର ମସ୍ତିଷ୍କ କ୍ଷୁଦ୍ର ଥିଲା। ସେମାନେ ମସୃଣ ହୋଇ ନ ଥିବା ପଥର ଅସ୍ତ୍ରଶସ୍ତ୍ର ତଥା ସରଞ୍ଜାମ ବ୍ୟବହାର କରୁଥିଲେ।

ଚୀନର ପେକିଂଠାରେ ଥିବା ଏକ ଗୁମ୍ଫାରୁ ଏହି ଅଷ୍ଟାଲୋପିଥେକସ୍‌ର ଜୀବାଶ୍ମ ମଧ୍ୟ ମିଳିଅଛି। ଏହା ପେକିଂ ମାନବ ରୂପେ ପରିଚିତ। 'ଜାଭା ମାନବ'ଠାରୁ ଏହା ଟିକିଏ ଉନ୍ନତର। ଏହାର କପାଳ ଜାଭା ମାନବଠାରୁ ଟିକିଏ ଚଉଡ଼ା। ଏହାର ଲମ୍ବ ପ୍ରାୟ ଜାଭା ମାନବର ଲମ୍ବ ସହିତ ସମାନ। ଏହି ମାନବ ଭାଷା ବ୍ୟବହାର କରୁଥିବା ଅନୁମାନ କରାଯାଏ। ମାନବର କ୍ରମ ବିକାଶରେ ଫେକିଂ ମାନବ ପୂର୍ବ ବର୍ଣ୍ଣିତ ଅନ୍ୟ ଦୁଇ ମାନବଠାରୁ ଟିକିଏ ଉନ୍ନତତର ଥିବାର ଦେଖାଯାଇଥାଏ।

ଜର୍ମାନୀର ହେଇଡ଼େଲ ବର୍ଗଠାରେ ଅଷ୍ଟ୍ରାଲୋପିଥେକସ୍‌ର ଜୀବାଶ୍ମ ମଧ୍ୟ ମିଳିଅଛି। ଏହା 'ହେଇଡେଲବର୍ଗ ମାନବ' ରୂପେ ପରିଚିତ। ଏହା 'ଜାଭା ମାନବ' ଏବଂ 'ପେକିଂ ମାନବ' ଠାରୁ ଆହୁରି ଉନ୍ନତ। ଏହା ଏହାର ମାଢି ଏବଂ ଦାନ୍ତ ସୂଚାଇ ଦେଇଥାଏ ଯେ ଏହା 'ଜାଭା ମାନବ ଠାରୁ  ବହୁ ଗୁଣରେ ଉନ୍ନତ ଥିଲା। ଏହାର ଦାନ୍ତ ବର୍ତ୍ତମାନର ମଣିଷର ଦାନ୍ତ ପରି ଥିଲା । ଏହାର ଶରୀର ହୃଷ୍ଟପୁଷ୍ଟ ଏବଂ ବିଶାଳ ଥିଲା। ଏହା ସହଜରେ ଚଳପ୍ରଚଳ କରିପାରୁଥିଲେ । ବିଭିନ୍ନ ପ୍ରକାରର ଅମସୃଣ ପଥର ଅସ୍ତ୍ରଶସ୍ତ୍ର ବ୍ୟବହାର କରିବ କରିବାରେ ସେ ସିଦ୍ଧହସ୍ତ ଥିଲା। ଭାଷାର ଆଦାନ ପ୍ରଦାନ ମଧ୍ୟ ଏହି ମାନବମାନେ କରିପାରୁଥିଲେ।

ଇଂଲଣ୍ଡର ଦକ୍ଷିଣ ଭାଗରେ ଥିବା ପିଲ୍‌ଟଡାଉନ୍‌ଠାରେ ଆଦି ମାନବର କିଛି ଅସ୍ଥି ମିଳିଥିଲା । ଏହି ମଣିଷକୁ ପିଲଟଡ଼ାଉନ୍ ମାନବ ରୂପେ ନାମିତ କରାଯାଇଅଛି।

## ହୋମୋ ଇରେକ୍ଟସ :

ହୋମୋ' ହେଉଛି ଏକ ଲାଟିନ ଶବ୍ଦ ଯାହାର ଅର୍ଥ ହେଉଛି 'ପୁରୁଷ' (ଅବଶ୍ୟ 'ନାରୀ' ମଧ୍ୟ ସେତେବେଳେ ରହିଥିଲେ)। 'ଇରେକ୍ଟସ୍'ର ହେଉଛି 'ସଳଖ'। ଅତଏବ ସେ ହୋମୋ ଇରେକ୍ଟସ୍ ମାନେ ସଳଖ ଭାବେ ଛିଡାହୋଇ ପାରୁଥିଲେ । ଏହି ହୋମୋ ଇରେକ୍ଟସ୍ ମାନବ ୨ ନିୟୁତ ବର୍ଷ ପୂର୍ବେ ଦେଖା ଦେଇଥିଲେ । ଜର୍ମାନୀର ଡିସେଲ୍‌ଡଫର ନିଏଣ୍ଡର୍ଥାଲ୍ ଠାରେ ଏକ ଗୁମ୍ଫାରୁ ଏହି ମଣିଷର ଖପୁରି, ଦାନ୍ତ ଏବଂ ଅସ୍ଥି ଆଦି ମିଳିଅଛି | ତେଣୁ ଏହାକୁ 'ନିଏଣ୍ଡରଥାଲ୍ ମାନବ' କୁହାଯାଏ ।  ସେ ମଧ୍ୟ ସମ୍ପୂର୍ଣ୍ଣ ମାନବ ନଥିଲା । ତାହାର ଖପୁରି ମୋଟା ଥିଲା ଏବଂ ହାଡ ଥିଲା ଭାରୀ। ସେ ଶବ୍ଦ କରୁଥିଲେ କଥା କହିବାକୁ ସକ୍ଷମ ନଥିଲା। ତଥାପି ତାହାର ମସ୍ତିଷ୍କ ଅଷ୍ଟାଲୋପିଥେକସ୍‌ଠାରୁ ବହୁ ଗୁଣରେ ଉନ୍ନତ ଥିଲା ।

ଏହି ହୋମୋ ଇରେକ୍ଟସ୍ ମାନବ ଅଷ୍ଟ୍ରାଲୋପିଥେକସ୍‌ସ୍ଠାରୁ ଥିଲା ଅନେକାଂଶରେ ଉନ୍ନତ। ଜୀବନ ଧାରଣର ବହୁ କଥା ତାକୁ ଜଣା ଥିଲା। ସେ ନିଜର ସନ୍ତାନ-ସନ୍ତତିମାନଙ୍କର ଯତ୍ନ ନେବା ସହିତ ବନ୍ଧୁମାନଙ୍କୁ ସାହାଯ୍ୟ କରୁଥିଲା। ସେ ଗୁମ୍ଫାରେ ରହୁଥିଲା ଏବଂ ପଥରର ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲା । ସେ ଅନାୟସରେ ହସ୍ତ ପଦ ଆଦି ସଞ୍ଚାଳନ କରିପାରୁଥିଲା । ଅଗ୍ନି ପ୍ରଜ୍□ଳନ କରି ସେ ଗୁମ୍ଫାକୁ ଉଷୁମ ରଖୁଥିଲା। ସେ ଶୀକାର କରୁଥିଲା। ମିଳିତ ଭାବ ବରେ ସେମାନେ ବଡ଼ ବଡ଼ ଜନ୍ତୁମାନ ଶୀକାର କରୁଥିଲେ। ସେମାନେ ପ୍ରାୟତଃ ହ୍ରଦ, ନଦୀ ଏବଂ ଝରଣା କୂଳରେ ବାସ କରୁଥିଲେ। ଶୀକାର ସହିତ ସେମାନେ ବଣରୁ ଫଳମୂଳ ମଧ୍ୟ ସଂଗ୍ରହ କରୁଥିଲେ। ସେମାନେ ପଶୁ ଚମଡାରେ ନିଜ ଶରୀର ମଧ୍ୟ ଆବୃତ କରୁଥିଲେ । ଅସ୍ତ୍ରଶସ୍ତ୍ର ତିଆରି କରୁଥିବାରୁ ସେମାନଙ୍କୁ  ମଧ୍ୟ ହୋମୋ ହାବିଲିସ୍ କୁହାଯାଇଥାଏ ।

## ହୋମୋ ସାପିଏନ୍ସ୍ :

'ହୋମୋ' (ପୁରୁଷ) ଏବଂ 'ସାପିଏନ୍ସ୍' (ଚତୁର ବା ଚିନ୍ତାଶୀଳ) ଦୁଇଟି ଶବ୍ଦକୁ ନେଇ ହୋମୋ ସାପିଏନ୍ସ୍ ଶବ୍ଦ ଗଠିତ। 'ହୋମୋ ସାପିଏନ୍ନ୍ସ ମାନବ' ଫ୍ରାନ୍ସର କ୍ରୋ-ମ୍ୟାଗ୍ନନ୍ ଠାରେ ଥିବା ଗୁମ୍ଫାରୁ ଏହି ହୋମୋ ସାପିଏନ୍ସ ମାନବର କଙ୍କାଳ-ଆବିଷ୍କୃତ ହୋଇଥିଲା। ମେନ୍‌ଟୋନ୍‌ଠାରେ ଥିବା ଗ୍ରାମାଲଦିରୁ ମଧ୍ୟ ଏହି ମାନବର, ଅସ୍ଥି ତଥା ଖପୁରି ମିଳିଥିଲା । ଉତ୍ତର ଆଫ୍ରିକା, ଦକ୍ଷିଣ ଏସିଆ, ଫ୍ରାନ୍ସ ଏବଂ ସ୍ପେନ୍ ଆଦି  ସ୍ଥାନରୁ ଏହି ହୋମୋ ସାପିଏନ୍ସ ମାନବର ଅଂଶ ବିଶେଷ ମିଳିଅଛି।

online learn camp

ସେମାନେ ମଧ୍ୟ ଶୀକାର କରୁଥିଲେ। ସେମାନଙ୍କର ଚଉଡ଼ା ମୁଖମଣ୍ଡଳ, ତୀକ୍ଷଣ୍ ଏବଂ ସରୁ ନାକ ରହିଥିଲା। ସେମାନେ ଭାଷାର ବ୍ୟବହାର କରୁଥିଲେ ଏବଂ ଚତୁର ଥିଲେ । ସେମାନଙ୍କର ଶକ୍ତି ଏବଂ ଧୀମତ୍ତା ବଳରେ ସେମାନେ ଜୀବନ ଧାରଣର ମାନ ଉନ୍ନତ କରିଥିଲେ । ଫ୍ରାନ୍ସ ଏବଂ ଉତ୍ତର ସ୍ପେନ୍‌ରେ ଥିବା ଗୁମ୍ଫାଗୁଡ଼ିକରେ ସେମାନେ ଚିତ୍ର ସୃଷ୍ଟି କରିଥିଲେ । ପ୍ରନ୍ତତତ୍ତ୍ୱବିତ୍ମାନେ ବିଶ୍□ାସ କରନ୍ତି ଯେ ସେମାନଙ୍କର ଏହି ଚିତ୍ର ନୈପୁଣ୍ୟ ସେମାନଙ୍କର ବୁଦ୍ଧିମାନର ପରିଚୟ ଦେଇଥାଏ। ଭାଷାର ବ୍ୟବହାର କଟି ସେମାନେ ନିଜର ଜ୍ଞାନର ପରିଚୟ ପ୍ରଦାନ କରିଥିଲେ। ଏହିପରି ଭାବରେ ଆଧୁନିକ ମଣିଷର ପୃଷ୍ଠ ଭୂମିରେ ରହିଥିଲେ ଏହି ହୋମୋ ସାପିଏନ୍ସ ମାନବ।

Visit: [Education Mate]

online learn camp